## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ୪ର୍ଥ ଲୋକକଳା ମହୋତ୍ସବ ଉଦ୍‌ଯାପନୀ ସମାରୋହ
ସ୍ଥାନ: ମହିଷାପାଟ ସରସମେଳା ପଡ଼ିଆ
ସମୟ: ଅପରାହ୍ନ ୪ଟା।
- ପ୍ଲାଟିନମ୍ ଜୁବିଲି ଉତ୍ସବ ତୃତୀୟ ସନ୍ଧ୍ୟା
ସ୍ଥାନ: ଜବାହରଚୌକ
ସମୟ: ସନ୍ଧ୍ୟା ସାଢ଼େ ୬ଟା।

**ଛେଣ୍ଡିପଦା**

- ଲକ୍ଷ୍ମୀପୂଜା ଆଜ୍ଞାଲଡ୍ଡୁ ନିଲାମ
ସ୍ଥାନ:କୁମୁରସିଂହ
ସମୟ: ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ଅଭିଯୁକ୍ତ ଜୁଲୁ ଅଟକ

ଢେଙ୍କାନାଳ ଅଫିସ, ୧୮।୯

ବହୁ ସଙ୍ଗିନ ମାମଲାରେ ଅଭିଯୁକ୍ତ ଥିବା ରତିକାନ୍ତ ରାଉତ ଓରଫ୍ ଜୁଲୁଙ୍କୁ ଶୁକ୍ରବାର ଅପରାହ୍ନରେ ପୋଲିସ ଅଟକ ରଖିଛି। ତାଙ୍କ ଘର ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ପତଳା ଗ୍ରାମରେ। ଏସ୍‌ପି ଅନୁପମା ଜେମ୍ସଙ୍କ ନିର୍ଦ୍ଦେଶରେ ଏକ ଟିମ୍ ତାଙ୍କୁ ଧରି ଆଣି ରାସୋଳ ଥାନାରେ ପଚରାଉଚୁରା କରୁଛି। ଜୁଲୁଙ୍କ ନାମରେ ବହୁ ମାମଲା ରହିଛି। ସେ ୨ ଥର ଗିରଫ ହୋଇ ଜାମିନରେ ଆସିଛନ୍ତି। ୨ଦିନ ତଳେ ୧୨ଜଣ ଚୋରା ପଥର ଖଣି ମାଲିକଙ୍କୁ ଗିରଫ କରାଯାଇଥିଲା। ଏହାପରେ ଉକ୍ତ ଅଞ୍ଚଳରୁ ଜୁଲୁଙ୍କୁ ପୋଲିସ ଧରିଆଣିବା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଏସ୍‌ପି କୁହନ୍ତି, ତଦନ୍ତ ଚାଲିଛି। ପରବର୍ତ୍ତୀ ସମୟରେ ଯାହା କିଛି ତଥ୍ୟ ଦିଆଯାଇପାରିବ।

# ସାମାଜିକ ସଂହତିର ସେତୁବନ୍ଧ 'ଲୋକକଳା'

(ରତନ ନାୟାର)
ଢେଙ୍କାନାଳ ଅଫିସ, ୧୮।୧୦

ଶିଳ୍ପ ସମୃଦ୍ଧ ଢେଙ୍କାନାଳ ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି ଲୋକକଳା। ତେବେ ରାଜରାଜୁଡ଼ା ଅମଳରୁ ପ୍ରଚଳିତ ଲୋକକଳାରେ କାଳକ୍ରମେ ଧସେଇ ପଶିଲା ଉଗ୍ର ଆଧୁନିକତା। ପରିସ୍ଥିତି ଏମିତି ହେଲା ଯେ, କଳାକାରମାନେ ମୁଖ୍ୟସ୍ରୋତରୁ ଦୂରେଇ ଗଲେ। ସେମାନଙ୍କୁ ଘାରିଲା ପେଟପାଟଣା ଚିନ୍ତା। କିଏ ଦାଦନ ଖଟିଲା ତ ଆଉ କିଏ ଅନ୍ୟ ବୃତ୍ତି ଆଡ଼େ ମୁହାଁଇଲା। ମଳିନ ପଡ଼ିଲା କଳାବିଭବ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଗ୍ରାମାଞ୍ଚଳର କଳା ସଂସ୍କୃତିକୁ ପୁନରୁଦ୍ଧାର କରିବାକୁ ୨୦୧୧ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ହେଲା ଜିଲା ଓ ବ୍ଲକ କଳା ସଂସ୍କୃତି ସଂଘ। ତଦନୁଯାୟୀ ଢେଙ୍କାନାଳ ଜିଲାରେ ଗଠିତ ୨ଟି ସଂଘ ଲୋକକଳାକୁ ଯୋଗାଇଲେ ପ୍ରୋତ୍ସାହନ।

୨୦୧୫-୧୬ରେ ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁଙ୍କ ଉଦ୍ୟମରେ କଳାକାରଙ୍କୁ ସଙ୍ଗଠିତ କରାଯାଇଥିଲା। ଏହାପରେ ୨୦୧୬ରେ ସଫଳତାର ସହ ଆୟୋଜିତ ହେଲା ଜିଲା ଲୋକକଳା ମହୋତ୍ସବ। ଏହାପରଠାରୁ ଲକ୍ଷ୍ମୀପୂଜା ଅବସରରେ ମହିଷାପାଟ ମେଳାପଡିଆରେ ପ୍ରତିବର୍ଷ



କଳାକାରମାନଙ୍କ ଦ୍ୱାରା ପରିବେଷିତ ଲୋକକଳା।

> କଳାରେ ସମୃଦ୍ଧ ଓଡ଼ିଶା। ଐତିହ୍ୟ, ସ୍ଥାପତ୍ୟ, କୀର୍ତ୍ତିରାଜିକୁ ନିଜ ଛାତିରେ ଜାବୁଡ଼ି ଧରିଥିବା ପୁଣ୍ୟଭୂମି ଉତ୍କଳର ଲୋକକଳା, ଲୋକସଂସ୍କୃତି ଯେତିକି ପ୍ରାଚୀନ ସେତିକି ଆକର୍ଷଣୀୟ ମଧ୍ୟ। କେଉଁ ଆଦିମ କାଳରୁ ଲୋକକଳା ସାଜିଛି ସାମାଜିକ ସଂହତିର ସେତୁବନ୍ଧ। ଏହାସହିତ ଏଥିରେ ଯୋଡ଼ି ହୋଇରହିଛି ଜୀବନଜୀବିକା। ଏହି କ୍ଷେତ୍ରରେ ଗୋଟିଏ ପାଦ ଆଗରେ ଶିଳ୍ପ ସମୃଦ୍ଧ ଢେଙ୍କାନାଳ ଜିଲା। ଖାସ୍ ସେଇଥିପାଇଁ ୨୦୧୬ରେ ରାଜ୍ୟର ପ୍ରଥମ ଜିଲା ଭାବେ ଏଠାରେ ଆୟୋଜିତ ହୋଇଥିଲା 'ଜିଲା ଲୋକକଳା ମହୋତ୍ସବ'। ଏଥିରେ ସାମିଲ ହୋଇଥିଲେ ୫ହଜାର କଳାକାର। ଏପରି ଅଭିନବ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରି ଢେର ପ୍ରଶଂସା ସାଉଁଟିଥିଲା ଜିଲା ପ୍ରଶାସନ। ପରବର୍ତ୍ତୀ ସମୟରେ ଏହା ବ୍ୟାପିଥିଲା ଅନ୍ୟ ସ୍ଥାନକୁ। ଏହି କ୍ରମରେ ଜିଲାର ଅନନ୍ୟ ଲୋକକଳାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ଆୟୋଜିତ ହୋଇଆସୁଛି ୩ଦିନିଆ ଲୋକକଳା ମହୋତ୍ସବ। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୧ରୁ ୨୦୧୯ ମଧ୍ୟରେ ଲୋକକଳା ଏବଂ ଏହାକୁ ବଞ୍ଚାଇ ରଖିଥିବା କଳାକାରଙ୍କୁ ପ୍ରୋତ୍ସାହିତ କରାଯାଇଛି। ଏଥିରେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ପ୍ରତ୍ୟାର୍ପଣ ପାଣ୍ଠି ବିନିଯୋଗ ମାଧ୍ୟମରେ ଖର୍ଚ୍ଚ ହୋଇଛି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଏଥିସହ ୧୦ହଜାରରୁ ଊର୍ଦ୍ଧ୍ୱ ସରକାରୀ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ୫୦ହଜାରରୁ ଊର୍ଦ୍ଧ୍ୱ କଳାକାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଉପକୃତ ହୋଇଛନ୍ତି। ୧୧୭୮ଜଣ କଳାକାରଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଇଛି। କାମାକ୍ଷାନଗର ବ୍ଲକ ରାୟନୃସିଂହପୁରକୁ ମିଳିଛି ଲୋକକଳା ଗ୍ରାମର ମାନ୍ୟତା। ଲୋକକଳାର ସଂରକ୍ଷଣ କ୍ଷେତ୍ରରେ ଅବଦାନ ଲାଗି ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୫-୧୬ରେ ଢେଙ୍କାନାଳକୁ ଦିଆଯାଇଥିଲା ପ୍ରଥମ ଆଦର୍ଶ ଜିଲାର ମାନ୍ୟତା। ଲୋକକଳାର ପ୍ରସାର ଲାଗି ଲଗାତର ୩ବର୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛି ଜିଲା। ଜିଲାର ୧୪ ପ୍ରକାରର ଲୋକକଳା ମଧ୍ୟରେ ଗୋପାଳଲଉଡ଼ି, ପାଲା, ଦାସକାଠିଆ, ଧୁଡୁକି, ଦଣ୍ଡ, ପାଇକଆଖଡା, ଘୁମୁରା, ଘଣ୍ଟବାଦ୍ୟ, ମୃଦଙ୍ଗ, ଘୋଡ଼ାନାଚ, କଣ୍ଢେଇନାଚ, ସଂକୀର୍ତ୍ତନ, ଖଞ୍ଜଣି ବାଦନ ଏବଂ ଆଦିବାସୀ ନୃତ୍ୟ ଅନ୍ୟତମ। ପରଜଙ୍ଗର ଘଣ୍ଟବାଦ୍ୟ, କଙ୍କଡ଼ାହାଡ଼, ସଦର, ଗଁଦିଆ ବ୍ଲକର ଆଦିବାସୀ ଓ ଘୁମୁରା ନୃତ୍ୟ, ହିନ୍ଦୋଳ, ଗଁଦିଆ, ଓଡ଼ାପଡ଼ାର ଦଣ୍ଡନୃତ୍ୟ ସୁନାମ ଅର୍ଜ୍ଜିଛି। ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଆବାସ ଯୋଜନା, ଭତ୍ତା କାର୍ଯ୍ୟକ୍ରମ, ସମାଜ କଲ୍ୟାଣ ଯୋଜନାକୁ ଲୋକକଳା ମାଧ୍ୟମରେ ପ୍ରଚାର କରାଯାଉଛି।

### କଳାକୁ ସୁରକ୍ଷିତ ରଖିବା ପ୍ରମୁଖ ଲକ୍ଷ୍ୟ



"ଲୁକ୍କାୟିତ କଳା ଓ କଳାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୪ବର୍ଷ ହେଲା ଲୋକକଳା ମହୋତ୍ସବ ଆୟୋଜିତ ହେଉଛି। କଳାକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ କରିବା ଆମର ଲକ୍ଷ୍ୟ।

-ଭୂମେଶ ଚନ୍ଦ୍ର ବେହେରା, ଜିଲାପାଳ

### କଳାକାରଙ୍କ ସହଯୋଗ ପ୍ରଶଂସନୀୟ



"ଲୋକକଳାର ପ୍ରସାରରେ ଜିଲାର କଳାକାରଙ୍କ ସହଯୋଗ ପ୍ରଶଂସନୀୟ। ଏହାକୁ ବଜାୟ ରଖିବା ସହିତ କଳାକାରଙ୍କ ଉନ୍ନତି ଲାଗି ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ଆୟୋଜିତ ହେବ।

-ନରୋତ୍ତମ ବେହେରା,ପିଡି ଡିଆରଡିଏ

### ଲୋକକଳା ପୁନରୁଦ୍ଧାରରେ ଭାରତ ଆଦର୍ଶ



"ଲୋକକଳାର ପୁନରୁଦ୍ଧାର ଏବଂ ପ୍ରସାରରେ ଭାରତବର୍ଷ ଆଦର୍ଶ ପାଲଟିଛି। ରାଜ୍ୟରେ ଲୋକକଳାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରିରହିଛି। ବ୍ଲକ ଅଞ୍ଚଳରେ ନାଟ୍ୟମଣ୍ଡପ ନିର୍ମାଣ ପାଇଁ ଯୋଜନା ଚାଲିଛି। କଳାକାରଙ୍କ ବିକାଶ ହେଲେ ସରକାରୀ ଯୋଜନା ସଫଳ ହେବ।

-ବାସୁଦେବ ମାଳବିଶୋଇ,
ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ରାଜ୍ୟ ପ୍ରକଳ୍ପ ସଂଯୋଜକ

### ସହାୟତା ପାଣ୍ଠି ବଢ଼ାଇବା ଜରୁରୀ



"କଳାର ପ୍ରୋତ୍ସାହନ ଲାଗି ରିଭଲଭିଙ୍ଗ୍‌କୁ ସହାୟତା ପାଣ୍ଠିକୁ ବଢ଼ାଇବା ଜରୁରୀ। ସରକାରୀସ୍ତରରେ ଅଧିକ ସହାୟତା ମିଳିଲେ ଜିଲାର ଲୋକକଳା ସ୍ୱତନ୍ତ୍ର ମାନ୍ୟତା ପାଇପାରିବେ।

-ଅବନୀ ମିଶ୍ର, ଜିଲା କଳା ଓ ସଂସ୍କୃତି ସଂଘର ଉପସଭାପତି।

ସହାୟତା ଏବଂ ପ୍ରୋତ୍ସାହନ ବଢିଲେ ଜିଲାର ଲୋକ ସଂସ୍କୃତି ବିଶ୍ୱବ୍ୟାପୀ ପରିଚୟ ସୃଷ୍ଟି କରିବ ବୋଲି ସଂସ୍କୃତି ବିଶାରଦମାନେ ମତବ୍ୟକ୍ତ କରିଛନ୍ତି।

## ଫଟୋରେ ଖବର



ଢେଙ୍କାନାଳ ସହର ଦୁର୍ଗାବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାର କିଙ୍ଗ୍ ଅର୍କେଷ୍ଟ୍ରା ପକ୍ଷରୁ ନୃତ୍ୟ ସଙ୍ଗୀତର କାର୍ଯ୍ୟକ୍ରମ।

# ପୋଲିସ ଚଢ଼ାଉ, ୩ ଗିରଫ

ସଜନାଗଡ଼, ୧୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୨ଦିନରେ ୩ଜଣଙ୍କୁ ଗିରଫ କରାଯାଇଛି। ନୀଳଗିରି ଥାନାରେ ଆଇଆଇସି ନଳିତା ମୋଦୀଙ୍କ ନିର୍ଦ୍ଦେଶରେ ଥାନାର ସବଇନ୍ସପେକ୍ଟର ବାସୁଦେବ ଜୟ ସିଂ ଗତ ବୁଧବାର ସନ୍ଧ୍ୟାରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଅନୁରୂପ ଭାବେ ଗୁରୁବାର ମଦ୍ୟପାନ କରିଥିବା ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ବାବୁଲି ସିଂ(୨୫), କାହାଳିଆ ଗ୍ରାମର କଟିଆ ଓରଫ ସୁରେନ୍ଦ୍ର। ସେହିପରି ମିତ୍ରପୁର, ଚଣ୍ଡିପୁର ଗ୍ରାମର ବୁଶୁ ସିଂଙ୍କୁ ଗିରଫ କରାଯାଇଛି।


ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

**୪ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹୫୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ୨୨ ଅକ୍ଟୋବର ୨୦୧୯ (ମଙ୍ଗଳବାର) ଦିନ ଆୟୋଜନ କରାଯିବ। ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (www.rbi.org.in) ୧୭ ଅକ୍ଟୋବର ୨୦୧୯ (ଗୁରୁବାର)ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"


### ୩ ବଖରା ପୋଡ଼ିଗଲା

ଖଇରା, ୧୮।୧୦
(ଡି.ଏନ.ଏ.)

ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ହରେକୃଷ୍ଣ ଜେନାଙ୍କ ଘରେ ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡିଯାଇଛି। ଏଥିରେ ଜେନାଙ୍କର ନଗଦ ୨୫ହଜାର ଟଙ୍କା ଆସବାବପତ୍ର ଧାନଚାଉଳ ପୋଡି ଛାରଖାର ହୋଇଯାଇଛି। ଔପଦା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ମଦ ଜବତ, ଜଣେ ଗିରଫ

ବନ୍ତ, ୧୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଛକଠାରେ ଶୁକ୍ରବାର ପୋଲିସ ଦେଶୀ ମଦ ସହ ଏକ ସ୍କୁଟିକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ବେପାରୀ ଚଣ୍ଡିପୁର ଗ୍ରାମର ସଦାନନ୍ଦ ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ମାମଲା(ନଂ. ୧୨୭/୧୯) ରୁଜୁ କରିଛି।







## ସଂକ୍ଷେପରେ

### ନୂତନ ଗ୍ରାମ୍ୟ କମିଟିର ବୈଠକ



ତାଳଚେର,୧୮।୧୦(ନି.ପ୍ର.)- ତାଳଚେର ବ୍ଲକ ଚାଳଗଡ ଗ୍ରାମର ନୂତନ ଗ୍ରାମ୍ୟ କମିଟିର ପ୍ରଥମ ବୈଠକ ଶୁକ୍ରବାର ସ୍ଥାନୀୟ ଚଉପାଢ଼ୀଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନ ପରାମର୍ଶଦାତା ସୁବାସ ଚନ୍ଦ୍ର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଗ୍ରାମର ସମସ୍ୟା, ଏକତା ରକ୍ଷା ଓ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚାଳଗଡ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା କରାଯିବା, ଗ୍ରାମର ଦିଗ୍ ପୋଖରୀକୁ ଆଦର୍ଶ ପୋଖରୀରେ ପରିଣତ କରାଯିବା, ଗ୍ରାମରେ ପକ୍କା ଡ୍ରେନ୍ ନିର୍ମାଣ କରାଯିବା, ଗ୍ରାମର ମଙ୍ଗଳା ପୀଠ ଓ ଶନି ପୀଠ ସମ୍ମୁଖରେ ରାହାସ ଭାଡି ନିର୍ମାଣ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଗ୍ରାମ ସ୍ଥାୟୀ ସଭାପତି ଧ୍ରୁବ ଚରଣ ଧିର, ଉପସଭାପତି ଶିଶିର ଚନ୍ଦ୍ର ରାଉତ, କାର୍ଯ୍ୟକାରୀ ସଭାପତି ମଦନ ମୋହନ ସାମଲ, ସାଧାରଣ ସମ୍ପାଦକ ଗୌର ଚନ୍ଦ୍ର ସାମଲ, ସହ ସମ୍ପାଦକ ଜଳେଶ୍ୱର ଦେବତା, କୋଷାଧ୍ୟକ୍ଷ ବାନାମ୍ବର ସାମଲ, ସହ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଧୀର, ଲମ୍ବୋଦର ସାମଲ, ଲିଗାଲ ଆଡଭାଇଜର ପ୍ରଶାନ୍ତ ଦେବତା, ଉପଦେଷ୍ଟା ଶିଖର ସାମଲ, ଭାଗୀରଥି ରାଉତ, ସନାତନ ଧିର, ବିମଳକୃଷ୍ଣ ଥମ୍ବ, ସନ୍ତୋଷ ଗଡାନାୟକଙ୍କ ସମେତ କମିଟିର ସମସ୍ତ ସଭ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୪ ଗିରଫ

ଖୁଣ୍ଟା,୧୮।୧୦(ଡି.ଏନ୍.ଏ.): ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୦ ଲିଟର ଦେଶୀ ମଦ ଓ ୩ କେ.ଜି ୪୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ଲିପ୍ତ ଥିବା ୨ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାହାନଡା ଗ୍ରାମର ଜ୍ୟୋତ୍ସ୍ନା ବେହେରା, ସାହାରବେଡା ଗ୍ରାମର ଗୌରୀ ଟୁଡୁ, ପୁରୁଣାପାଣି ଗ୍ରାମର ସାରଦା ମାହାଲି। ଏହି ୩ ଅଭିଯୁକ୍ତଙ୍କ ଠାରୁ ଦେଶୀ ମଦ ଜବତ କରାଯାଇଥିବାବେଳେ ଡୁକୁରା ଗ୍ରାମର ଜଗତ ବଲ୍ଲଭ ବେହେରାଙ୍କଠାରୁ ଗଞ୍ଜେଇ ଜବତ କରାଯାଇଛି। ଖୁଣ୍ଟା ଅବକାରୀ ଥାନା ଅଧିକାରୀ ସଚିନ କୁମାର ବେହେରାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ ।

### ଫୁଟବଲ୍ ଷ୍ଟାଡିୟମ ନିର୍ମାଣ ଦାବି

ବୈଶିଙ୍ଗା,୧୮।୧୦(ଡି.ଏନ୍.ଏ.)- ବେତନଟୀ ବ୍ଲକ ଅଧୀନ ମହିଷାଶୋଳ ପଞ୍ଚାୟତର ଧାନଘରା ଗ୍ରାମରେ ହିଟାଙ୍ଗ ଝାଲାଙ୍ଗ କ୍ଲବର ରୌପ୍ୟ ଜୟନ୍ତୀ ଅବସରରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ବିଧାୟକ ସନାତନ ବିଜୁଳି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଓ ବିଧାୟକଙ୍କଠାରେ ସ୍ଥାନୀୟ ଅଞ୍ଚଳରେ ଏକ ଫୁଟବଲ ଷ୍ଟାଡିୟମ ନିର୍ମାଣ ଲାଗି ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ଏହି ଦାବି ପୂରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଫାଇନାଲ ମ୍ୟାଚରେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ବିର୍ସାମୁଣ୍ଡା ଦଳ ବୈଶିଙ୍ଗା ନିକଟସ୍ଥ କ୍ଷୀରପଦା ଗ୍ରାମର ମହାବୀର ୟୁଥ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଚାମ୍ପିୟନ ଦଳକୁ ୫୦,୦୦୦ ଓ ରନର୍ସଅପ୍ ଦଳକୁ ୩୫,୦୦୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମାନିମଣି ସିଂ, ସମିତିସଭ୍ୟା ପ୍ରତିମା ହାଁସଦା, ୩୬ ନଂ. ଜୋନ ଜିଲା ପରିଷଦ ସଭ୍ୟ ବ୍ରଜ ମୋହନ ବେହେରା, ୩୫ ନଂ. ଜୋନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ରାଉତ, ବୁଲୁ ପାଣି, ରତିକାନ୍ତ ମହାନ୍ତ, ପ୍ରଶାନ୍ତ ସାମଲ, ସୁଦର୍ଶନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଭାପତି ମଙ୍ଗଲ ସିଂ, ସମ୍ପାଦକ ରାଜେଶ ସିଂ, ଉପସଭାପତି ଦିଲୀପ ସିଂ, ସଭ୍ୟ ସଦନ ସିଂ, ବାପି ସିଂ ଓ ରଘୁ ସିଂ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

■ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଜିଲା ଟାସ୍କଫୋର୍ସ ବୈଠକ

# ୧୧ ନଭେମ୍ବରରୁ ଟିକାକରଣ



ଜିଲା ଟାସ୍କ ଫୋର୍ସ ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

■ପ୍ରାରମ୍ଭରେ ଟିକା ନେବେ ୩.୬୪ ଲକ୍ଷ ପିଲା

■ସବୁ ସ୍ତରରେ ସଚେତନତା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୧୮।୧୦

ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ ଅଭିଯାନର ଜିଲା ଟାସ୍କ ଫୋର୍ସ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶିକ୍ଷଣ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଏଥିରେ ଅଧ୍ୟକ୍ଷତା କରି ଟିକାକରଣ ଅଭିଯାନର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିବା ସହ ଜଣେ ବି ପିଲା ଯେପରି ଏଥିରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ମିଳିମିଳା ଓ ରୁବେଲା କାର୍ଯ୍ୟକ୍ରମ ଭଳି ଏହି କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ନଭେମ୍ବର ୧୧ ତାରିଖରୁ ଏହି ଟିକାକରଣ ଅଭିଯାନ ଆରମ୍ଭ ହୋଇ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

ମାଲକାନଗିରିରେ ୨୦୦୪ରେ ମାରାତ୍ମକ ଜାପାନିଜ ଏନ୍‌ସେଫାଲାଇଟିସ୍ ରୋଗରେ ୧୦୩ ଜଣ ପିଲା ମୃତ୍ୟୁମୁଖରେ ପଡ଼ିଥିଲେ। ପରେ ରୋଗର ଭୟାବହତା ସମ୍ପର୍କରେ ଜିଲାସ୍ତରରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଅନୁଗୋଳରେ ଏ ପର୍ଯ୍ୟନ୍ତ କେହି ଆକ୍ରାନ୍ତ ହେବାର ସୂଚନା ନ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୯୬୬ଟି ବିଦ୍ୟାଳୟରେ ୩ ଲକ୍ଷ ୬୪ ହଜାର ପିଲାମାନଙ୍କୁ (୧ରୁ ୧୫ ବର୍ଷ ପର୍ଯ୍ୟନ୍ତ) ଏହି ଟିକା ପ୍ରଦାନ କରାଯିବ। ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ସବୁସ୍ତରର ଲୋକଙ୍କ ନିକଟରେ କିପରି ସଚେତନତା ବାର୍ତ୍ତା ପହଞ୍ଚିପାରିବ ସେ ଦିଗରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ଅଙ୍ଗନୱାଡି କେନ୍ଦ୍ର ଓ ବିଭିନ୍ନ ଗୋଷ୍ଠୀ କେନ୍ଦ୍ର ଗୁଡ଼ିକରେ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସର୍ଭେଲାନ୍ସ ମେଡିକାଲ ଅଫିସର ଡା. ସନ୍ତୋଷ କୁମାର ସାହୁ ସାଧନକର୍ମୀ ଭାବେ ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ଏହି ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ମଶା, ଘୁଷୁରି, ମାଛରଙ୍କା ଚଢେଇ, ବତକ ଏହି ରୋଗର ବାହକ ଅଟନ୍ତି। ଧାନ ଚାଷ ହେଉଥିବା ବିଲରେ ପାଣି ଜମି ରହିଲେ ସେଠାରେ ଏହି ମଶା ସେଠାରେ ବଂଶ ବିସ୍ତାର କରିଥାନ୍ତି ବୋଲି ସେ ପ୍ରକାଶ କରିଥିଲେ। ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଏହି ଅଭିଯାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ଟିକାକରଣ ଅଭିଯାନକୁ ସମ୍ମିଳିତ ଭାବେ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ରାକେଶ କୁମାର ସାହୁ, ୟୁନିସେଫ୍‌ର ପୁଷ୍ଟି ପରାମର୍ଶଦାତା ପ୍ରିୟବ୍ରତ ଦାସଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର କର୍ମକର୍ତ୍ତା ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ଡିପିଏମ୍‌ଏନ୍‌ଏଚ୍‌ଏମ୍ ବିଶ୍ୱ ରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ।

■କୋଶଳା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ବସିଲା ବୈଠକ, ଶୁଣାଣି ସ୍ଥଗିତ




ଛେଣ୍ଡିପଦା,୧୮।୧୦(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ କୋଶଳା ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବର ଶୁଣାଣି ପାଇଁ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ପଞ୍ଚାୟତର ୨୦ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ଜଣେ ୱାର୍ଡ ସଭ୍ୟ ଅନୁପସ୍ଥିତ ଥିଲେ। ଅନୁପସ୍ଥିତ ୮ନଂ ୱାର୍ଡ ସଭ୍ୟା ସସ୍ମିତା ବେହେରା ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ନ ପାରିବାରୁ ସେ ଭୋଟ ଦେବାର ସୁଯୋଗ ପାଇ ନ ଥିଲେ। ତେବେ ନାଏବ ସରପଞ୍ଚଙ୍କ ସମେତ ଅନ୍ୟ ୧୯ ଜଣ ୱାର୍ଡ ସଭ୍ୟ ଭୋଟ ଦେଇଥିଲେ। ଦିନ ୧୧ଟାରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବା ପରେ ଭୋଟ ଗ୍ରହଣ ହୋଇଥିଲା। ଏଥିରେ ଅଧିକାରୀ ଭାବେ ଅନୁଗୋଳ ବିଡିଓ ମାୟାଧର ବେହେରା, ଛେଣ୍ଡିପଦା ବିଡିଓ ସୁନୀଲ କେର୍କେଟା ଉପସ୍ଥିତ ଥିଲେ। ସରପଞ୍ଚଙ୍କ ବିରୋଧରେ ନାଏବ ସରପଞ୍ଚଙ୍କ ସମେତ ଅନ୍ୟ ୱାର୍ଡ ସଭ୍ୟମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ସରପଞ୍ଚଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟଙ୍କ ଠାରେ ଅବେଦନ କରାଯାଇଥିଲା। ତେଣୁ ଏହି ଘଟଣାକୁ ନେଇ କୋର୍ଟ ଆସନ୍ତା ୨୩ରେ ଅଦାଲତରେ ହାଜର ହେବାକୁ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଥିବାବେଳେ ଅଦାଲତଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଆଜିର ଭୋଟର ଶୁଣାଣି ନ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ତେଣୁ ଅଧିକାରୀ ମାନେ ଅଦାଲତର ନିର୍ଦ୍ଦେଶନାମା ମୁତାବକ ଭୋଟ କାର୍ଯ୍ୟକ୍ରମ ସମାପ୍ତ ପରେ ଶୁଣାଣି ସ୍ଥଗିତ ରଖାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ।

## ବିଜ୍ଞାନମେଳାରେ ୨୫ ପ୍ରକଳ୍ପ



ତାଳଚେର,୧୮।୧୦(ଡି.ଏନ.ଏ.)

ତାଳଚେର ଟାଉନ ସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିରରେ ୧୧ତମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସହାୟକ ଶିକ୍ଷକ ସହଦେବ ସାହୁ, ନଗେନ କୁମାର ସ୍ୱାଇଁ, ସୌଭାଗ୍ୟ କୁମାର ନାଏକ, ନିରଞ୍ଜନ ଜେନା, ଝିଲ୍ଲୀ ଦାସ, ସୁମନ୍ତ ବିଶ୍ୱାଳ ପ୍ରମୁଖ ଏଥିରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରିଥିଲେ। ମୋଟ ୨୫ଟି ପ୍ରକଳ୍ପ ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ବିଦ୍ୟାମନ୍ଦିରର ଅଧ୍ୟକ୍ଷ ପ୍ରଶାନ୍ତ ଚନ୍ଦ୍ର ସିଂହ ସାମନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ଅତିଥିଭାବେ ଯୁବରାଜ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଦାନନ୍ଦ ପଣ୍ଡା, ଡକ୍ଟର ରଶ୍ମିରଞ୍ଜନ ମିଶ୍ର, ସହ-ସମ୍ପାଦକ ନିରଞ୍ଜନ କର ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

■ମାସେ ହେବ ଚାଷ ଜମିକୁ ପାଣି ମାଡୁନି

## ଘାଇ ବନ୍ଦ କଲେ ଗ୍ରାମବାସୀ



ବଇଣ୍ଡା,୧୮।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପେଢ଼ିପଥର ପଞ୍ଚାୟତରେ ଥିବା ଟିଲିମୁଣ୍ଡା ଜଳସେଚନ ପ୍ରକଳ୍ପର ହେଡୱାଲ ନିକଟରେ ଘାଇ ସୃଷ୍ଟି ହୋଇଛି। ଫଳରେ ପାଣି ନାଳ ଗୁଡ଼ିକରେ ବାହାରକୁ ଚାଲି ଯାଉଥିବାବେଳେ ମାସେ ହେବ ଚାଷ ଜମିକୁ ପାଣି ମାଡ଼ି ପାରୁ ନାହିଁ। ଶୁକ୍ରବାର ଝିଲିମୁଣ୍ଡା ଗ୍ରାମବାସୀ ଭେଟି କରି ଉକ୍ତ ଘାଇ ସ୍ଥାନରେ ବାଲି ବସ୍ତା ପକାଇ ବନ୍ଦ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଏହି ପ୍ରୋଜେକ୍ଟରୁ ଝାର ବଇଣ୍ଡା, ଝିଲିମୁଣ୍ଡା, ଅଚ୍ୟୁତାପୁର ଗ୍ରାମର ୫ ଶହ ହେକ୍ଟର ଚାଷ ଜମିକୁ ପାଣି ମାଡୁଛି। ହେଲେ ଏକ ମାସ ତଳେ ଉକ୍ତ ପ୍ରୋଜେକ୍ଟ ହେଡୱାଲରୁ କେତେ ଜଣ ଦୁର୍ବୃତ୍ତ ଚାଷ ଜମିକୁ ପାଣି ନ ମାଡ଼ିବା ପାଇଁ ଏକ ଘାଇ ସୃଷ୍ଟି କରି ଦେଇଥିଲେ। ଉକ୍ତ ଘାଇ ଯୋଗୁ ଏକ ମାସ ହେବ ପାଣି ଚାଷ ଜମିକୁ ଆସୁନାହିଁ। ଫଳରେ ଧାନ ଗଛ ଗୁଡ଼ିକ ମରିଯିବାକୁ ବସିଛି। ଉକ୍ତ ଘାଇକୁ ମରାମତି କରିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିକାର ନିମନ୍ତେ ଗ୍ରାମବାସୀ ପାଳି କରି ୨ ଶହରୁ ଉର୍ଦ୍ଧ୍ୱ ବାଲିବସ୍ତା ଦେଇ ଘାଇକୁ ବନ୍ଦ କରିଥିଲେ। ଏଥିରେ ଝିଲିମୁଣ୍ଡା ଗ୍ରାମ ସଭାପତି ପ୍ରମୋଦ କୁମାର ସାହୁ, ତ୍ରିଲୋଚନ ସାହୁ, ଭରତଚନ୍ଦ୍ର ସାହୁ, ବିମଳ ସାହୁ, ହେମନ୍ତ ସାହୁ, ରମାକାନ୍ତ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ପୌରନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ଅନୁଗୋଳ ଅଫିସ, ୧୮।୧୦

ବିଭିନ୍ନ ଦାବି ନେଇ ଅନୁଗୋଳ ଜିଲା ସଫେଇ କର୍ମଚାରୀମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାମ କରିବା ସତ୍ତ୍ୱେ ସେମାନେ କମ୍ ସମୟ କାମ କରୁଥିବା କୁହାଯାଉଛି। ୨ ଶହ କର୍ମଚାରୀଙ୍କ ସ୍ଥାନରେ ଶହେ କର୍ମଚାରୀ ସହରରେ କାମ କରୁଥିଲେ ମଧ୍ୟ ସେମାନଙ୍କୁ ଉଚିତ ପ୍ରାପ୍ୟ ମିଳୁ ନାହିଁ। ଇପିଏଫ୍ ଓ ଇଏସ୍‌ଆଇ ବାବଦକୁ ସଫେଇ କର୍ମଚାରୀଙ୍କ ଠାରୁ ଦୈନିକ ୪୦ ଟଙ୍କା କଟାଯାଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ପୋଷାକ ଓ ସଫେଇ ପାଇଁ ଅନ୍ୟାନ୍ୟ ଜିନିଷ ପ୍ରଦାନ, ସଫେଇ କର୍ମଚାରୀଙ୍କୁ ପରିଚୟ ପ୍ରଦାନ ହସ ଅନ୍ୟାନ୍ୟ ଦାବି ପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଘର ସମ୍ପାଦକ ମିଥୁନ ବେହେରାଙ୍କ ନେତୃତ୍ୱରେ ବହ ସଫେଇ କର୍ମଚାରୀମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣରେ ଜଣେ ମୃତ

ରାଇରଙ୍ଗପୁର,୧୮।୧୦(ଡି.ଏନ୍.ଏ.)

ଗୋରୁମହିଷାଣୀ ଥାନା ଅଞ୍ଚଳରେ ମହୁ ମାଛି ଆକ୍ରମଣରେ ଗୁରୁବାର ରାତିରେ ଜଣେ ମହୁ ସଂଗ୍ରହକାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶସାହି ବସ୍ତିର ଜାମୁ ପିଙ୍ଗୁଆ। ପରିବାରବର୍ଗ ଗୁରୁତର ଅବସ୍ଥାରେ ଜାମୁଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଶୁକ୍ରବାର ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରିଛି। ପ୍ରକାଶଯେ, ଜାମୁକଚା ଗ୍ରାମ ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲରୁ ମହୁ ସଂଗ୍ରହ କରୁଥିବା ବେଳେ ବଣୁଆ ମହୁମାଛିଙ୍କ ଆକ୍ରମଣରେ ସେ ଗୁରୁତର ହୋଇଥିଲେ।

## ୫ ଦଫା ଦାବିପତ୍ର ପ୍ରଦାନ




କଣିହାଁ,୧୮।୧୦(ଡି.ଏନ.ଏ.)

୫ ଦଫା ଦାବି ନେଇ କଣିହାଁ ଯୁବ ଜାଗୃତି ପରିଷଦ ପକ୍ଷରୁ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ କଣିହାଁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣିହାଁ ବ୍ଲକ ଅଞ୍ଚଳ ଶିଳ୍ପ ଓ ଖଣି ଖାଦାନକୁ ନେଇ ଅନେକ ସମସ୍ୟାରେ ଗତି କରୁଛି। ପ୍ରକଳ୍ପ ପାଇଁ ଭିଟାମାଟି ତ୍ୟାଗ କରିଥିବା ଅଞ୍ଚଳବାସୀ ବିକାଶଠାରୁ ବହୁ ଦୂରରେ ରହିଛନ୍ତି। ରାସ୍ତା ଘାଟ ଖାଲ ଖମାରେ ପରିଣତ ହୋଇଥିବାବେଳେ ଜିଲା ଖଣିଜ ପାଣ୍ଠିଠାରୁ କର୍ପୋରେଟ ସମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ପ୍ରକୃତ ସେବାରେ ଲାଗୁ ନ ଥିବା ପରିଷଦର ସଦସ୍ୟମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ଏକ ନକଲ ଜିଲା ଆରକ୍ଷୀ ଅଧୀକ୍ଷକ, ତାଳଚେର ଉପଜିଲାପାଳ, କଣିହାଁ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିବା ପରିଷଦ ସଦସ୍ୟ ମନୋଜ କୁମାର ପ୍ରଧାନ, ସବ୍ୟସାଚୀ ପାଣି, କନିଷ୍ଠ ପ୍ରଧାନ, ଜ୍ୟୋତି ଧର ପ୍ରମୁଖ ଜଣାଇଛନ୍ତି। ୧୫ ଦିନ ମଧ୍ୟରେ ରାସ୍ତା ଉନ୍ନତୀକରଣ, ଦିନବେଳେ ଭାରିଯାନ ବନ୍ଦ, ରାତ୍ରି ପାଟ୍ରୋଲିଂ ଆଦି ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ତହସିଲଦାର ଅଂଶୁମାନ ଶତପଥୀ କହିଛନ୍ତି, ଦାବିପତ୍ରକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ପଠାଯାଇଛି।

# ଧଣ୍ଡାତୋପାରେ ଥମୁନି ହାତୀ ଉପଦ୍ରବ

ବଇଣ୍ଡା,୧୮।୧୦(ଡି.ଏନ.ଏ.)



■ପଶିଛନ୍ତି ୧୫ରୁ ଉର୍ଦ୍ଧ୍ୱ ହାତୀ

■୪୦ ଏକର ଧାନ ଫସଲ ନଷ୍ଟ

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ରେଞ୍ଜରେ ଦିନକୁ ଦିନ ହାତୀ ଉପଦ୍ରବ ଲାଗି ରହିଛି। ହାତୀମାନେ ନିକଟସ୍ଥ ଜଙ୍ଗଲୁ ଗ୍ରାମାଭିମୁଖୀ ହୋଇ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏ ଦିଗରେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପାଇକସାହି, ଟାପଢୋଲ, ଗେଧିଲିମୁଣ୍ଡା, ଟାଙ୍କରସିଙ୍ଗା ଆଦି ଗ୍ରାମରେ ହାତୀ ଉପଦ୍ରବ କରି ବ୍ୟାପକ ଧାନ ଫସଲ ନଷ୍ଟ କରିଦେଉଥିବାବେଳେ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ନିକଟସ୍ଥ ଜଙ୍ଗଲୁ ୧୫ରୁ ଉର୍ଦ୍ଧ୍ୱ ହାତୀ ଆସି ପାଇକସାହି ଗ୍ରାମର ଦୁଃଶାସନ ଗଡ଼ତିଆ, ଦିନବନ୍ଧୁ ସାହୁ, ନୀଳାଦ୍ରି ଗଡ଼ତିଆ, ନିରଞ୍ଜନ ଗଡ଼ତିଆ, ବୈଶାଖ ପ୍ରଧାନ, ଦାଶରଥି ଦେହୁରି, ପ୍ରକାଶ ନାୟକ, ବଇରି ଛତ୍ରିଆ, ବାବୁଲି ବେହେରା, ଟାପଢୋଲ ଗ୍ରାମର ଲୋକନାଥ ବେହେରା, ସୁଲୋଚନା ଦେହୁରି, କାମିନି ଦେହୁରି, ଗେଧିଲିମୁଣ୍ଡା ଗ୍ରାମର ପ୍ରଶାନ୍ତ ସାହୁ, ଦୁଃଖିରାମ ସାହୁ, ଟାକରସିଙ୍ଗା ଗ୍ରାମର ଶାନ୍ତି ବେହେରା, ବନମାଳୀ ଗଡ଼ନାୟକ, ମହର୍ଗା ନାୟକ, କଂସ ଦେହୁରିଙ୍କ ୪୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ଦଳି ନଷ୍ଟ କରି ଦେଇଛନ୍ତି। ଚଳିତ ବର୍ଷ ଧାନ ଚାଷ ଭଲ ହୋଇଥିବାବେଳେ ହାତୀ ଉପଦ୍ରବ ଯୋଗୁ ଚାଷୀମାନେ କିଭଳି କରିଥିବା ଋଣ ସୁଝିବେ ସେ ନେଇ ଚିନ୍ତାରେ ପଡ଼ିଥିବା ଜଣାପଡ଼ିଛି। ହାତୀ ଘଉଡ଼ାଇବା ପାଇଁ ବହୁବାର ପାଇକସାହି ଗ୍ରାମବାସୀ ଧଣ୍ଡାତୋପା ବନବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟକୁ ଖୁବଶୀଘ୍ର ଘେରାଉ କରାଯାଇ ଆନ୍ଦୋଳନ କରାଯିବ ବୋଲି ଟାରଢୋଲ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏ ନେଇ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ କହିଛନ୍ତି, ହାତୀ ଘଉଡ଼ାଇବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଏକ ଟିମ ମଧ୍ୟ ଗଠନ କରାଯାଇଛି। ହାତୀକୁ ଜଙ୍ଗଲକୁ ଘଉଡ଼ାଯାଉଥିବାବେଳେ ସେମାନେ ପୁଣି ଗ୍ରାମାଭିମୁଖୀ ହେଉଛନ୍ତି। ଖୁବଶୀଘ୍ର ହାତୀକୁ ଘଉଡ଼ାଯିବାସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦିଆଯିବ।

# ସରସମେଳାରେ ଗ୍ରାମୀଣ ହସ୍ତଶିଳ୍ପର ସମ୍ଭାର



**ଢେଙ୍କାନାଳ ଅଫିସ, ୧୮।୧୦**

ଟେରାକୋଟା ସାମଗ୍ରୀଠାରୁ ଆରମ୍ଭ କରି ସୁନ୍ଦର ଗାଲିଚା। ସମ୍ବଲପୁରୀ ଲୁଗାଠୁ ଆରମ୍ଭ କରି ରାଜସ୍ଥାନୀ ହସ୍ତତନ୍ତରେ ନିର୍ମିତ ସୂକ୍ଷ୍ମ ସାମଗ୍ରୀ। ଲଘୁ ବନଜାତ ଦ୍ରବ୍ୟ ସାଙ୍ଗକୁ ମନପସନ୍ଦର ସୁସ୍ୱାଦୁ ଖାଦ୍ୟର ଷ୍ଟଲ୍। ଆଉ ଏହା ସହିତ ମନଲାଖି ମନୋହରୀ ସାମଗ୍ରୀ। ଏମିତି ଅନେକ ଘରକରଣା ଜିନିଷର ସମ୍ଭାରରେ ଝଲସୁଛି ମହିଷାପାଟ ପଡ଼ିଆ। ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ପଡ଼ିଥିବା ଜାତୀୟସ୍ତରୀୟ ସରସମେଳା ଗ୍ରାମୀଣ କାରିଗରଙ୍କ ପାଇଁ ବ୍ୟବସାୟର ସୁଯୋଗ ଆଣିଦେଇଥିବାବେଳେ ଏହାକୁ ମନଭରି ଉପଭୋଗ କରୁଛନ୍ତି ପୂଜା ମହୋତ୍ସବ ଦେଖିବାକୁ ଆସୁଥିବା ଦର୍ଶକ।

ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉପଲକ୍ଷେ ସ୍ଥାନୀୟ ମହିଷାପାଟ ପଡ଼ିଆରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଛି ଜାତୀୟସ୍ତରୀୟ ସରସମେଳା। ଏହା ୨୩ ତାରିଖ ଯାଏ ଚାଲିବ। ଏଥିରେ ଓଡ଼ିଶାର ୩୦ ଜିଲା ସମେତ ୨୪ ରାଜ୍ୟ ଅଂଶଗ୍ରହଣ କରିଛନ୍ତି। ୫୦୦ ଷ୍ଟଲ୍‌ରେ ଗ୍ରାମାଞ୍ଚଳର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ, ଘରୋଇ ଉପକରଣ ସାମଗ୍ରୀ ପ୍ରଦର୍ଶିତ ହେଉଛି। ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ୨୦ଟି ଖାଦ୍ୟ ଷ୍ଟଲ ଖୋଲାଯାଇଛି। ବ୍ୟବସାୟ ପାଇଁ ୪୫୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ଉତ୍ପାଦକ ଗୋଷ୍ଠୀ ନାମ ପଞ୍ଜୀକରଣ କରିଛନ୍ତି।

ମେଳାର ପ୍ରମୁଖ ଆକର୍ଷଣ ସାଜିଛି ରାଜସ୍ଥାନର ପାରମ୍ପରିକ ଖାଦ୍ୟ ଷ୍ଟଲ୍ 'ଆପନୋ'। ସେହିପରି ସମ୍ବଲପୁରୀ ଶାଢ଼ି, ଗୁଜରାଟୀ, ରାଜସ୍ଥାନୀ ଡ୍ରେସ୍ ବିକ୍ରି ହେଉଛି। ଦୀପାବଳି ପାଖେଇ ଆସୁଥିବାରୁ ଟେରାକୋଟା ନିର୍ମିତ ମାଟି ଦୀପ, ପାତ୍ର ମଧ୍ୟ ବେଶ୍ ଭଲ ବ୍ୟବସାୟ କରୁଛି। ଘରକରଣା ସାମଗ୍ରୀ ମଧ୍ୟରେ କନ୍ଧମାଳର ହଳଦୀ, କୋରାପୁଟ, କନ୍ଧମାଳ, ଫୁଲବାଣୀ ପ୍ରମୁଖ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝୁଣା, ଲାଖ, ମହୁ ଭଳି ଲଘୁ ବନଯାତ ଦ୍ରବ୍ୟ ଲୋକଙ୍କ ପ୍ରମୁଖ ପସନ୍ଦ ପାଲଟିଛି। କାର୍ପେଟ, ମ୍ୟାଟ, ସୋଫା, ଗଦି ଏବଂ ଚେୟାର ଭଳି ଘରସଜ୍ଜା ସାମଗ୍ରୀର ଚାହିଦା ବଢ଼ିଛି। ମେଳାରେ ଖୋଲିଥିବା ସ୍ୱତନ୍ତ୍ର ଖାଦ୍ୟଷ୍ଟଲରେ ଚାଟ୍, ପାମ୍ପଡ, ଦହିବରା ଆଳୁଦମ୍, ରସାବଳି, ମାରୱାଡି କୁଲ୍‌ଫି, ଛୋଲେ ଭଟୋରେ ଆଦି ଖାଦ୍ୟକୁ ମନଭରି ଉପଭୋଗ କରୁଛନ୍ତି ସବୁବର୍ଗର ଲୋକେ।

ଅନୁକୂଳ ପାଗ ଥିବାରୁ ମେଳା ପଡ଼ିଆରେ ସଞ୍ଜ ନଇଁଲେ ପ୍ରବଳ ଭିଡ଼ ହେଉଛି। ପାହାଡ଼ ତଳି ମନୋରମ ପରିବେଶ ମେଳାକୁ ଆହୁରି ସରସସୁନ୍ଦର କରି କରିଛି।

## ଏମାନେ କ'ଣ କୁହନ୍ତି

**ବିକ୍ରିବଟା ବଢ଼ୁଛି**

"ସମ୍ବଲପୁରୀ ପୋଷାକ ପ୍ରତି ସର୍ବଦା ଲୋକଙ୍କ ଆକର୍ଷଣ ରହିଆସିଛି। ୧୦ ବର୍ଷ ହେଲା ପୂଜାରେ ଷ୍ଟଲ ଖୋଲିଆସୁଛି। ସୁଲଭ ଦରରେ ସମ୍ବଲପୁରୀ ଶାଢ଼ି, ଡ୍ରେସ୍, ଶାଲ, ଗାମୁଛା ଏଠାରେ ମିଳୁଛି। ଲୋକମାନେ ମଧ୍ୟ ଏହାକୁ ପସନ୍ଦ କରୁଛନ୍ତି। ପାଗ ଅନୁକୂଳ ଥିବାରୁ ଧୀରେ ଧୀରେ ବିକ୍ରିବଟା ବଢ଼ୁଛି।

-ଲମ୍ବୋଦର ବେହେରା, ସୋନପୁର

**କଶ୍ମୀର ଶାଲର ବେଶି ଚାହିଦା**

"ଲକ୍ଷ୍ମୀପୂଜାରେ ଢେଙ୍କାନାଳକୁ ବିଭିନ୍ନ ସ୍ଥାନରୁ ଲୋକମାନେ ଆସୁଛନ୍ତି। ସେମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ୩ ବର୍ଷ ହେଲା କଶ୍ମୀରର ହାତତିଆରି ଶୀତବସ୍ତ୍ର ନେଇ ବିକ୍ରି କରିବାକୁ ଆସୁଛି। ଚଳିତବର୍ଷ ଶାଲ, ଶାଢ଼ି, ଶାର୍ଟ ଭଳି ସାମଗ୍ରୀ ଷ୍ଟଲରେ ଉପଲବ୍ଧ ରହିଛି। ସବୁଠାରୁ ବେଶି ଚାହିଦା କଶ୍ମୀର ଶାଲର ରହିଛି।

-ଶବୀର, କଶ୍ମୀର

**ରାଜସ୍ଥାନୀ ଖାଦ୍ୟର ଆଦର ରହିଛି**

"ଓଡ଼ିଶାରେ ରାଜସ୍ଥାନୀ ଖାଦ୍ୟର ଆଦର ରହିଛି। ଓରମାସ ସହିତ ସହବନ୍ଧିତ ହୋଇ ପର୍ବପର୍ବାଣିରେ ବିଭିନ୍ନ ରାଜ୍ୟ ବୁଲି ରାଜସ୍ଥାନୀ ଖାଦ୍ୟ ଷ୍ଟଲ ଖୋଲୁଛୁ। 'ଆପ୍‌ନୋ ରାଜସ୍ଥାନ ଖାଦ୍ୟ ଷ୍ଟଲ'ରେ କୁଲ୍‌ଫି, ଢୋକଲା, ଛୋଟେ ଭଟୋରେ ସୁସ୍ୱାଦୁ ସାମଗ୍ରୀ ବିକ୍ରି କରାଯାଉଛି। ଅଧିକାଂଶ ଦର୍ଶକ ଏହାର ମଜା ନେଉଛନ୍ତି।

-ବଲବୀର ସିଂ, ରାଜସ୍ଥାନ

## ୨୦ରୁ ଜିଲାସ୍ତରୀୟ ଯୁବ ମହୋତ୍ସବ

**ଢେଙ୍କାନାଳ ଅଫିସ, ୧୮।୧୦**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଚଳିତ ୨୦ ତାରିଖରୁ ଦୁଇଦିନ ଧରି ମହିଷାପାଟ ସରସମେଳା ପଡ଼ିଆରେ ୨୫ତମ ଜିଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ଯାଏ ଚାଲିବ। ପ୍ରଥମ ଦିବସରେ ଦଳଗତ ସଙ୍ଗୀତ, ପାଲା, ଦାସକାଠିଆ, ଖଞ୍ଜଣି ଭଜନ, ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ, ତବଲା, ମୃଦଙ୍ଗ, ହାରମୋନିୟମ, ଗିଟାର ଆଦି ବିଭାଗରେ ପ୍ରତିଯୋଗିତା ହେବ। ଉଦ୍‌ଯାପନୀ ଦିବସରେ ଦଳଗତ ଲୋକନୃତ୍ୟ, ପାଇକନୃତ୍ୟ, ଏକକ ଓଡ଼ିଶୀ, ଭାରତ ନାଟ୍ୟମ୍, କୁଚିପୁଡ଼ି ନୃତ୍ୟ ପରିବେଷଣ ହେବ। ବ୍ଲକ ଏବଂ ଏନ୍‌ଏସିର କଳାକାରମାନେ ଏଥିରେ ଅଂଶଗ୍ରହଣ କରିବେ। ଏଥିଲାଗି ବୟସସୀମା ରହିଛି ୧୫ରୁ ୩୫ ବର୍ଷ। ଯୋଗ୍ୟ ବିବେଚିତ ଦଳ ଏବଂ ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା କଳାକାରମାନେ ରାଜ୍ୟସ୍ତରୀୟ ମହୋତ୍ସବରେ ଭାଗନେବେ। ଇଚ୍ଛୁକ କଳାକାରମାନେ ସେମାନଙ୍କ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରି ପ୍ରତିଯୋଗିତାରେ ଭାଗନେଇପାରିବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କର୍ଣ୍ଣପୁରକୁ ରାଜସ୍ୱ ଗ୍ରାମ ନ କରିବାକୁ ଦାବି

**ହିନ୍ଦୋଳ, ୧୮।୧୦(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ ଅଧୀନ କର୍ଣ୍ଣପୁରକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ନ କରିବାକୁ ବରଡ଼ାପାଳ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ନିବେଦନ କରିଛନ୍ତି। ବରଡ଼ାପାଳର ପଡ଼ା ଗ୍ରାମ ହେଉଛି କର୍ଣ୍ଣପୁର। ଏହାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ସମ୍ପର୍କିତ ମାମଲା ୧୯୯୬ରୁ ତହସିଲ କାର୍ଯ୍ୟାଳୟରେ ବିଚରାଧୀନ ରହିଛି। ଏ ସମ୍ପର୍କିତ ଏକ ସର୍ବସାଧାରଣ ନୋଟିସ୍ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବରଡ଼ାପାଳ ଗ୍ରାମ କୋଠଘରେ ଲଗାଯାଇଥିଲା। ଏ ନେଇ କାହାର ଆପତ୍ତି ଥିଲେ ୩୦ ଦିନ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ରହିଥିଲା। ଏପରି ନିଷ୍ପତ୍ତିକୁ ବରଡ଼ାପାଳ ଗ୍ରାମ ସଭାପତି ସାନୁନ୍ଦୁ ବେହେରା, ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ଦୋଳଗୋବିନ୍ଦ ବେହେରା, ମାନସ ଦେହୁରୀ, ନରେନ୍ଦ୍ର ସାହୁ ପ୍ରମୁଖ ଶତାଧିକ ଗ୍ରାମବାସୀ ବିରୋଧ କରିଛନ୍ତି। ସେମାନେ ଏ ନେଇ ତହସିଲଦାର ଅଜୟ କୁମାର ମଲ୍ଲିକଙ୍କୁ ଭେଟି ସେମାନଙ୍କ ମତ ରଖିଛନ୍ତି। ଏ ନେଇ ତହସିଲଦାର କୁହନ୍ତି, ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନିଆଯିବ। ଆଲୋଚନା ପରେ ଯାହାକିଛି ପଦକ୍ଷେପ ନିଆଯିବ।

### ଅବକାରୀ ଚଢ଼ାଉ, ୩ ଗିରଫ

**କାମାକ୍ଷାନଗର, ୧୮।୧୦(ଡି.ଏନ୍.ଏ.):** ଚୋରା ମଦ କାରବାରରେ ସମ୍ପୃକ୍ତ ଅଭିଯୋଗରେ ଜିଲା ଅବକାରୀ ବିଭାଗ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଙ୍କଡ଼ାହାଡ଼ ଥାନା ବନ୍ଦାଣିଆ ଗ୍ରାମର ରମଣି ହାଁସଦା, କଙ୍କଡ଼ାହାଡ଼ର ସାନୁ ଗୁପ୍ତା ଏବଂ କାମାକ୍ଷାନଗର ଥାନା କନ୍ଦରସିଂହା ଗ୍ରାମର ପ୍ରସନ୍ନ ବେହେରା। ସେମାନଙ୍କ ନିକଟରୁ ୧୦୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ, ୬୩ ବୋତଲ ବିଦେଶୀ ମଦ, ମଦ ରନ୍ଧା ଯାଉଥିବା ସରଞ୍ଜାମ ଜବତ କରାଯାଇଛି। ଏଥିସହ ୩ ହଜାର ଲିଟର ମହୁଲି ପୋଚ ନଷ୍ଟ କରାଯାଇଛି। ଢେଙ୍କାନାଳ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧୀକ୍ଷକ ମନୋଜ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା।

### 'ମାତୃଶକ୍ତି ଆଶୀର୍ବାଦରେ ଜୀବନ ମଙ୍ଗଳମୟ ହୁଏ'

**ଢେଙ୍କାନାଳ ଅଫିସ,୧୮।୧୦:** ଢେଙ୍କାନାଳ କବିଭୂଷଣ ସ୍ମୃତି ସଂସଦ ପକ୍ଷରୁ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରେ ଥିବା ପ୍ରସନ୍ନ ଭବନ ପରିସରରେ ଗୁରୁବାର 'ଗଜଲକ୍ଷ୍ମୀ ପୂଜା ଓ ମାତୃଶକ୍ତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡା. ନବକିଶୋର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ସମଗ୍ର ଭାରତର ଗର୍ବ ଓ ଗୌରବ। ମାତୃଶକ୍ତି ହିଁ ପରମ ଶକ୍ତି। ମାତୃଶକ୍ତିର ଆଶୀର୍ବାଦ ମିଳିଲେ ଜୀବନ ମଙ୍ଗଳମୟ ହୁଏ ବୋଲି ସେ ମତ ରଖିଥିଲେ। ସମ୍ପାଦକ ପରେଶ ଚନ୍ଦ୍ର ପଟ୍ଟନାୟକ, ସୁଶୀଲ କୁମାର ନନ୍ଦ, ରେଣୁବାଳା ସ୍ମୃତି ସଂସଦ ରାଜ୍ୟ ସଭାପତି ସଂଯୁକ୍ତା ମିଶ୍ର, ଶିକ୍ଷାବିତ୍ ଦେବୀ ପ୍ରସାଦ ମିଶ୍ର, ସୁନିତା ପଟ୍ଟନାୟକ, ନଜରୁଲ ଇସ୍‌ଲାମ, ନମିତା ମନୋହରି, ପ୍ରଜ୍ଞା ପରମିତା, ଆଶିଷ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ଜମୁଛି ଲକ୍ଷ୍ମୀପୂଜା

# ଗ୍ରାମ୍ୟ ପରିବେଶ ଉତ୍ସବମୁଖର



ଅଉଖମା ଅଞ୍ଚଳରେ ପୂଜା ପାଉଥିବା ମା' ଲକ୍ଷ୍ମୀ।



ମଙ୍ଗଳପୁର ଅଞ୍ଚଳରେ ପୂଜା ପାଉଥିବା ମା' ଲକ୍ଷ୍ମୀ।

**ଢେଙ୍କାନାଳ ଅଫିସ, ୧୮।୧୦**

ଗଣପର୍ବ ଲକ୍ଷ୍ମୀପୂଜାରେ ସାମିଲ ହୋଇଛି ସାରା ଢେଙ୍କାନାଳ ଜିଲା। ଏହାକୁ ନେଇ ସହରଠୁ ଗ୍ରାମାଞ୍ଚଳ ଯାଏ ସବୁଠି ସୃଷ୍ଟି ହୋଇଛି ଉତ୍ସବର ମାହୋଲ। ମଣ୍ଡପରେ ନୀତିକାନ୍ତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଚାଲିଥିବାବେଳେ ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ବନ୍ଧୁବାନ୍ଧବଙ୍କ ଭିଡ଼ରେ ଜମୁଛି ଗ୍ରାମ୍ୟ ପରିବେଶ।

ଓଡ଼ାପଡ଼ା ବ୍ଲକର ମଙ୍ଗଳପୁର, ସଦର ବ୍ଲକର ଅଉଖମାରେ ମହାସମାରୋହରେ ପାଳିତ ହେଉଛି ଲକ୍ଷ୍ମୀପୂଜା। ମଙ୍ଗଳପୁରର କୃଷକ ସାହି, ମଙ୍ଗଳା ସାହି, ବେହେରାସାହି, ଉପରସାହି, ହନୁମାନ ବଜାର, ମହତାବ ସାହି, ଗୋପାଳ ସାହି, ବଜରଙ୍ଗୀ କ୍ଲବ, ରାସବିହାରୀପୁର ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ସନ୍ଧ୍ୟା ଆଳତି ସହ ମା'ଙ୍କୁ ଦର୍ଶନ କରିବାକୁ ସବୁ ମଣ୍ଡପରେ ପ୍ରବଳ ଜନସମାଗମ ହେଉଛି। ଅଧିକାଂଶ ପୂଜା ମଣ୍ଡପରେ ପୌରାଣିକ କଥାବସ୍ତୁକୁ ନେଇ ମା'ଙ୍କ ମୃଣ୍ମୟୀ ପ୍ରତିମା ଏବଂ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ନିର୍ମିତ ହୋଇଛି। ସମଗ୍ର ଅଞ୍ଚଳ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଛି। ଆସନ୍ତା ୨୧ ତାରିଖରେ ମିଳିତ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ରାତି ୧୦ଟା ସୁଦ୍ଧା ଭସାଣି ଉତ୍ସବ ଶେଷ ହେବ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ଅଉଖମାରେ ୧୩ ତାରିଖରୁ ପାରମ୍ପରିକ ନୀତି ଅନୁଯାୟୀ ଆରମ୍ଭ ହୋଇଛି ପୂଜା। ଏହା ଆସନ୍ତା ୨୦ ତାରିଖ ଯାଏ ଚାଲିବ। ଗ୍ରାମ ସଭାପତି ବିରଞ୍ଚି ସାହୁ, ସରୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଉଭୟ ମେଢ଼କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ସାପୁଆ ନଦୀରେ ବିସର୍ଜନ କରାଯିବ ବୋଲି ଶ୍ରୀନାଥ ସାହୁ ଜଣାଇଛନ୍ତି ।

## ପ୍ରତିଭା ବିକାଶର ମଞ୍ଚ 'ସୁରଭି'

**ଭୁବନ, ୧୮।୧୦(ଡି.ଏନ.ଏ.)**

ଭୁବନ ଏନ୍‌ଏସି ଅଧୀନ ଭିତରଦିଗପାଟଣା ସ୍କୁଲରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମିଶ୍ରଙ୍କ ଅଧକ୍ଷତାରେ ଶାସନ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପ୍ରତିଭା ବିକାଶର ମଞ୍ଚ ହେଉଛି 'ସୁରଭି'। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ସେମାନଙ୍କ ଲୁକ୍କାୟିତ ଗୁଣାବଳିକୁ ସହଜରେ ପରିପ୍ରକାଶ କରିବାର ସୁଯୋଗ ପାଇପାରୁଛନ୍ତି। ଏପରି ଅଭିନବ କାର୍ଯ୍ୟକ୍ରମକୁ ହାତଛଡ଼ା ନ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏନ୍‌ଏସି ଅଧୀନ ୮ ସ୍କୁଲର ୧୫୦ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଦଳଗତ ନୃତ୍ୟ ସହ ମୋଟ ୧୬ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଚଳିତ ୨୩ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ସିଆର୍‌ସିସି ଶତ୍ରୁଘ୍ନ ପାତ୍ର, ଶିକ୍ଷକ ସତ୍ୟବାଦୀ ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୁଜ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରାଇଥିଲେ।

ଜବାହରଚୌକ ପ୍ଲାଟିନମ୍ ଜୁବିଲି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

## 'ଉଚ୍ଚ ଚିନ୍ତାଧାରାରେ ବିଶ୍ୱାସ ରଖନ୍ତି ଜିଲାବାସୀ'



କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୮।୧୦**

ଢେଙ୍କାନାଳର ପରିଚୟ ଲକ୍ଷ୍ମୀପୂଜା। ଏହା କେବଳ ପୂଜା ନୁହେଁ, ବରଂ ଐତିହ୍ୟ, ପରମ୍ପରା, ଭାଇଚାରାର ପ୍ରତୀକ ମଧ୍ୟ। ଏଠାକାର ଲୋକେ ସରଳ, ନିଷ୍କପଟ। ସେମାନେ ଉଚ୍ଚ ଚିନ୍ତାଧାରାରେ ବିଶ୍ୱାସ ରଖନ୍ତି ବୋଲି କହିଛନ୍ତି ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ। ଜବାହରଚୌକ୍ ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ, ସଦର ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକ ଯୋଗଦେଇ ଲକ୍ଷ୍ମୀପୂଜାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ସତ୍ୟନାରାୟଣ କର ସଂଯୋଜନା କରିଥିଲେ। ଉପସଭାପତି ସଦାଶିବ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ହିନ୍ଦୋଳ, ୧୮।୧୦(ଡି.ଏନ.ଏ.)**

ହାଇକୋର୍ଟ ବାର୍ ଆସୋସିଏଶନ ନିଷ୍ପତ୍ତିକ୍ରମେ ଶୁକ୍ରବାର ହିନ୍ଦୋଳ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଏହାକୁ ନେଇ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସଂଘ ସଭାପତି ଅରୁଣ ଦାସ, ସମ୍ପାଦକ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଜୁଡିସିଆଲ କୋର୍ଟ ସମେତ ଉପଜିଲାପାଳ ଏବଂ ତହସିଲ କୋର୍ଟକୁ ମଧ୍ୟ ଓକିଲମାନେ ବର୍ଜନ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଷ୍ଟେଶନ ବଜାର।



ରତନ ବଜାର।



ସ୍ୱପ୍ନେଶ୍ୱର ବଜାର କୋରିଆଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ୧୯ ଅକ୍ଟୋବର /୨୦୧୯, Dhenkanal, Saturday, October 19 / 2019

## ସଂକ୍ଷେପରେ

### ଟ୍ରକ୍‌ରୁ ବେଆଇନ ଚାନ୍ଦା ଆଦାୟ

ଅନୁଗୋଳ ଅଫିସ, ୧୮।୧୦- ପାର୍ବଣରେ ବେଆଇନ ଚାନ୍ଦା ଆଦାୟ କରାଗଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ଅନୁଗୋଳରେ ଚାନ୍ଦା ଆଦାୟକାରୀଙ୍କ ଉପରେ ତାହାର ପ୍ରଭାବ ପଡ଼ି ନ ଥିବା ଅଭିଯୋଗ ହୋଇଛି। ଅନୁଗୋଳର ହେମସୁରପଡ଼ାରୁ କୁମଣ୍ଡ-ଜରାସିଂହା ଯାଇଥିବା ରାସ୍ତାରେ ଗୁରୁବାର ରାତିରେ କେତେକ ଟ୍ରକ୍‌କୁ ଅଟକାଯାଇ ଡ୍ରାଇଭରଙ୍କଠାରୁ ଜୋର ଜବରଦସ୍ତି ଚାନ୍ଦା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଚାନ୍ଦା ଦେବାକୁ ମନାକଲେ ସେମାନେ ମାଡ଼ ମାରିବାକୁ ଧମକ ଦେଉଥିବା କେତେଜଣ ଟ୍ରକ୍ ଚାଳକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଏସ୍‌ପି ଜଗମୋହନ ମୀନାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ।

### କୋଇଲା ବୋଝେଇ ଟ୍ରକ୍ ଜବତ

ତାଳଚେର,୧୮।୧୦(ନି.ପ୍ର.)- ତାଳଚେର ପୋଲିସ ୫୩ ନମ୍ବର ଜାତୀୟ ରାଜପଥର ବହ୍ଲର ଛକ ସୂର୍ଯ୍ୟ ପେଟ୍ରୋଲ ପମ୍ପ ନିକଟରୁ ଗୁରୁବାର ରାତିରେ ଦୁଇଟି ଚୋରା କୋଇଲା ବୋଝେଇ ଟ୍ରକ୍(ଓଆର୧୯ଏଫ- ୫୨୬୬, ଓଆର୧୯ଇ-୯୨୨୯) ଜବତ କରିଛି। ରାତିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବାବେଳେ ଟ୍ରକ୍ ଦୁଇଟିକୁ ଯାଞ୍ଚ କରାଯାଇଥିଲା। ଏଥିରେ ଚୋରା କୋଇଲା ଥିବା ଜଣାପଡିବା ପରେ ପୋଲିସ ଏହାକୁ ଜବତ କରିଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୧୮। ୧୦(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୋରାବ ଗ୍ରାମର ରୀନା ନାୟକଙ୍କୁ ତାଙ୍କ ସ୍ୱାମୀ ପୋକଣ୍ଡା ଗ୍ରାମର ପ୍ରଦୀପ ନାୟକ ଯୌତୁକ ନିର୍ଯାତନା ଦେଉଥିବା ଗୁରୁବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୦୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରୀନାଙ୍କୁ ଗତ ୩ ବର୍ଷ ତଳେ ପ୍ରଦୀପ ବିବାହ କରିଥିଲେ। ତାଙ୍କର ଏକ ଦେଢ ବର୍ଷର ଝିଅ ଥିବାବେଳେ ସେ ୫୦ ହଜାର ଟଙ୍କା ଯୌତୁକ ଆଣିବା ପାଇଁ କହି ରିନାଙ୍କୁ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଲକ୍ଷ୍ମୀପୂଜା ଭସାଣି ପାଇଁ ଲଟେରି

ଅନୁଗୋଳ ଅଫିସ, ୧୮।୧୦- ଅନୁଗୋଳ ଲକ୍ଷ୍ମୀ ପୂଜା ଭସାଣି ଉତ୍ସବ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ୧୧ଟି ମଣ୍ଡପର କର୍ମକର୍ତ୍ତାଙ୍କୁ ନେଇ ଲଟେରି ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅପରାହ୍ନ ୩ଟାରେ ଭସାଣି ଆରମ୍ଭ ହେବାକୁ ଥିବାବେଳେ ସନ୍ଧ୍ୟା ୭ଟାରେ ଆତସବାଜି ଫୁଟା କାର୍ଯ୍ୟକ୍ରମ ରହିଛି ବୋଲି ସେଣ୍ଟ୍ରାଲ ପୂଜା କମିଟିର କୋଷାଧକ୍ଷ ଅକ୍ଷୟ କୁମାର ଦାଶ ସୂଚନା ଦେଇଛନ୍ତି। ଲଟେରି ମୁତାବକ, ପ୍ରଥମେ ହୁଲୁରୁସିଂହା ଲକ୍ଷ୍ମୀ ପୂଜା କମିଟି ଥିବାବେଳେ ଦ୍ୱିତୀୟରେ ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀ ପୂଜା କମିଟି, ତୃତୀୟରେ ଲକ୍ଷ୍ମୀ ବଜାର, ଆନନ୍ଦ ବଜାର, ବଜାର ଛକ, ଭଣ୍ଡୁବର, ନିୟୁ ଡ଼େଲି ମାର୍କେଟ, କଲେଜ ଛକ, ପଞ୍ଚାୟତ ଇଣ୍ଡଷ୍ଟ୍ରିଜ ଛକ, କାଞ୍ଚନଟକିଜ ଛକ, ଆଶ୍ରମ ଛକ ପ୍ରଭୃତି ପଛକୁ ପଛ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

### ଭୁଜାଲି ମାଡ଼ରେ ଦିବ୍ୟାଙ୍ଗ ମୋଚି ଗୁରୁତର

ଅନୁଗୋଳ ଅଫିସ,୧୮।୧୦- ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଚପଲ ମରାମତିକୁ ନେଇ ଶୁକ୍ରବାର ଦୁଇ ଜଣ ମୋଚିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଆଠମଲ୍ଲିକ ଅଞ୍ଚଳର ମୋଚିସାହିର ଦିବ୍ୟାଙ୍ଗ ମୋଚି ଟେରା ମେହେର(୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ଟେରା ଓ ତାଙ୍କ ଦୋକାନ ନିକଟରେ ଆଉ ଏକ ଚପଲ ମରାମତି ଦୋକାନ କରିଥିବା ଟିକୁଲ ମେହେରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ ଟିକୁଲ ଏକ ଭୁଜାଲିରେ ଟେରାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅନୁଗୋଳ ପୋଲିସ ଟିକୁଲଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

# ଡାକ୍ତରଖାନା ପରିସରରେ ମୃତ ଶିଶୁ



- ମେଡିକାଲ ପ୍ରଶାସନ ନିକଟରେ ଖବର ନାହିଁ
- ମୃତଦେହ ଉଠାଇଲେ ସଫେଇ କର୍ମଚାରୀ
- ଏଡିଏମ୍‌ଓ କହିଲେ ତଦନ୍ତ ହେବ

ଅନୁଗୋଳ ଅଫିସ, ୧୮।୧୦

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଶୁକ୍ରବାର ଭୋର ସମୟରେ ଜଣେ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ଶିଶୁର ଦେହରେ ନାଭି ଲାଗିଥିବାବେଳେ କେହି କପଡାରେ ଗୁଡାଇ ମେଡିକାଲର ପୁରୁଣା ଓଟି(ଏମ୍‌ଆରଆଇ ପାର୍ଶ୍ୱରେ ଥିବା ଔଷଧ ବିତରଣ କେନ୍ଦ୍ର) ସମ୍ମୁଖରେ ଫିଙ୍ଗି ଦେଇଥିବା ଜଣାପଡିଛି। ତେବେ ଶିଶୁକନ୍ୟା ସେଠାକୁ କିପରି ଆସିଲା, କିଏ ଏପରି ଅବସ୍ଥାରେ ଶିଶୁଟିକୁ ଛାଡିଥିବା ସମ୍ପର୍କରେ ମେଡିକାଲ ପ୍ରଶାସନ ନିକଟରେ ଖବର ନ ଥିବା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନା ମୁତାବକ, ଭୋର ପ୍ରାୟ ସାଢେ ୪ଟାରୁ ସାଢେ ୫ଟା ସମୟରେ ମେଡିକାଲର ସଫେଇ କର୍ମଚାରୀମାନେ ଔଷଧ ବିତରଣ କେନ୍ଦ୍ର ନିକଟରେ ନବଜାତ ଶିଶୁକନ୍ୟାର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ସକାଳ ପ୍ରାୟ ୬ଟା ବେଳେ ମୃତଦେହକୁ ସଫେଇ କର୍ମଚାରୀମାନେ ଉଠାଇ ନେଇଥିବା ଜଣାପଡିଛି। ହେଲେ ଏ ସଂକ୍ରାନ୍ତରେ ମେଡିକାଲ ସୁପରଭାଇଜର ଶାନ୍ତନୁ କୁମାର ସ୍ୱାଇଁଙ୍କୁ ପଚାରିବାରେ ଏଭଳି କିଛି ଘଟଣା ଡାକ୍ତରଖାନାରେ ଘଟି ନ ଥିବା କହିଛନ୍ତି। ଶିଶୁର ମୃତଦେହକୁ ବାୟୋବର୍ଜ ପରିଚାଳନା ସ୍ଥାନରେ ପକାଯାଇଥିବା ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ) ଲକ୍ଷ୍ମୀନାରାୟଣ ବିଶୋଇଙ୍କୁ ପଚାରିବାରେ, ଡାକ୍ତରଖାନା ପରିସରରେ ଏଭଳି ଘଟଣା ଘଟିଥିବା ସମ୍ପର୍କରେ ଗଣମାଧ୍ୟମ ନିକଟରୁ ଖବର ପାଇଥିବା ସେ କହିଥିଲେ। କିପରି ମେଡିକାଲ ପରିସରକୁ ମୃତଦେହ ଆସିଲା ସେ ସମ୍ପର୍କରେ ତଦନ୍ତ କରାଯିବ। ମେଡିକାଲରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଡାକ୍ତରଖାନା ପରିସରରୁ ଶିଶୁକନ୍ୟା ମୃତଦେହ ଉଦ୍ଧାର କରାଯିବା ଓ ସେଠାରୁ ସଫେଇ କର୍ମଚାରୀମାନେ ମୃତଦେହ ସ୍ଥାନାନ୍ତର କରିବା ଘଟଣା କିପରି ଖୋଦ ମେଡିକାଲ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମୃତ ଶିଶୁକୁ ଗର୍ଭରେ ଧରି ଛଟପଟ ପ୍ରସୂତି

- ୩ ଦିନ ରଖି କଟକ ସ୍ଥାନାନ୍ତର କଲା ଜିଲା ଚିକିତ୍ସାଳୟ
- ଚିକିତ୍ସାରେ ଅବହେଳା ଅଭିଯୋଗ, ଉତ୍ତେଜନା

ଅନୁଗୋଳ ଅଫିସ, ୧୮।୧୦

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପ୍ରସୂତି ଗର୍ଭରେ ମୃତଶିଶୁ ଧରି ଯନ୍ତ୍ରଣା ଭୋଗୁଥିଲେ ହେଁ ମେଡିକାଲ ପକ୍ଷରୁ ଆବଶ୍ୟକ ଚିକିତ୍ସା ଯୋଗାଯାଇ ନ ଥିବା ଅଭିଯୋଗ ହୋଇଛି। ୩ ଦିନ ଧରି ପ୍ରସୂତିଙ୍କୁ ଡାକ୍ତରଖାନାରେ ପକାଇ ରଖିବା ପରେ ଶୁକ୍ରବାର ତାଙ୍କୁ କଟକ ଡାକ୍ତରଖାନା ସ୍ଥାନାନ୍ତର କରିବାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଯଦି ଚିକିତ୍ସା ସମ୍ଭବ ନ ଥିଲା ତେବେ ଯନ୍ତ୍ରଣାରେ ପ୍ରସୂତି ଛଟପଟ ହେଉଥିବାବେଳେ କାହିଁକି ଏତେ ଦିନ ଧରି ଡାକ୍ତରମାନେ ତାଙ୍କୁ ସ୍ଥାନାନ୍ତର କରି ନ ଥିଲେ ସେ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା।

ଘଟଣାରୁ ଜଣାପଡିଛି, ଖମାର ଅଞ୍ଚଳର ସୁନୀତା ସାହୁ ଗର୍ଭରେ ମୃତଶିଶୁ ଥିବା ଜଣାପଡିବାରେ ସେ ୩ ଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ମେଡିକାଲ ବେଡ୍‌ରେ ଡାକ୍ତର ତାଙ୍କୁ ରଖି ଔଷଧ, ଇଞ୍ଜେକସନ ଦେଇଥିଲେ ମଧ୍ୟ ମୃତ ଶିଶୁର ପ୍ରସବ କରାଇପାରି ନ ଥିଲେ। ସୁନୀତା ବେଡରେ ପଡିରହି ଛଟପଟ ହେଉଥିଲେ ହେଁ ଡାକ୍ତର କର୍ମଚାରୀ କୌଣସି ବ୍ୟବସ୍ଥା କରି ନ ଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମାନୁଆଲ କିମ୍ବା ସିଜରିଆନ କରିବାକୁ ଡାକ୍ତର ଅକ୍ଷମତା ପ୍ରକାଶ କରି ସୁନୀତାଙ୍କୁ କଟକ ସ୍ଥାନାନ୍ତର କରିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଏ ସମ୍ପର୍କରେ ଏଡିଏମ୍‌ଓ(ମେଡିକାଲ) ଲକ୍ଷ୍ମୀନାରାୟଣ ବିଶୋଇଙ୍କୁ ପଚାରିବାରେ କହିଛନ୍ତି, ଏପରି ଘଟଣା ନଜରକୁ ଆସିଛି। ଗର୍ଭାବସ୍ଥାରେ ମୃତ ଶିଶୁକୁ ଜନ୍ମ କରିବା କଷ୍ଟକର କାର୍ଯ୍ୟ। ତେଣୁ ସ୍ତ୍ରୀ ଓ ପ୍ରସୂତି ବିଭାଗ ଶିଶୁକୁ ଜନ୍ମ ଦେବାକୁ ଭୟ କରିଲେ। ଫଳରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଆଇନଜୀବୀଙ୍କ ପରଲୋକ

ଛେଣ୍ଡିପଦା,୧୮।୧୦(ସ୍ୱ.ପ୍ର)

ଅନୁଗୋଳ ଜିଲା ଛେଣ୍ଡିପଦା ବାର ଆସୋସିଏଶନର ଆଇନଜୀବୀ ତଥା ଛେଣ୍ଡିପଦା ବ୍ଲକ ହରିଡାଗୋଡ ଗ୍ରାମର କ୍ଷୀରୋଦ ଦେହୁରୀଙ୍କ ହୃଦ୍‌ଘାତରେ ଶୁକ୍ରବାର ପରଲୋକ ହୋଇଛି। କ୍ଷୀରୋଦ ଅପରାହ୍ନରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। କ୍ଷିରୋଦଙ୍କ ମୃତ୍ୟୁ ଖବରପାଇ ଛେଣ୍ଡିପଦା ବାର ଆସୋସିଏଶନର ସମସ୍ତ କର୍ମକର୍ତ୍ତା, ଛେଣ୍ଡିପଦା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ସୁରକ୍ଷା ତାଲିମ



ଛେଣ୍ଡିପଦା,୧୮।୧୦(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ଏନ୍‌ଜେନ କର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦିନିକିଆ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଏନଜେନ ଡିଭିଜନର ମୁଖ୍ୟ କ୍ଷିତୀଶ ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଭୁବନେଶ୍ୱର ଏନଜେନ ବିଭାଗର ସୁରକ୍ଷା ଅଧିକାରୀ କୁମରେଶ ଜେନା ଯୋଗଦେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ବିଦ୍ୟୁତ୍ ମରାମତି କାର୍ଯ୍ୟବେଳେ ମୁଣ୍ଡରେ ହେଲମେଟ୍, ସେଫ୍ଟିବେଲ୍ଟ, ସେଫ୍ଟିଜୋତା, ଡିସ ଇନ ଚାର୍ଜ ରଡ ଆଦିର ବ୍ୟବହାର ଉପରେ ତାଲିମ ଦେଇଥିଲେ। ସେହିପରି ମରାମତିବେଳେ ସର୍ବଦା ସୁରକ୍ଷା ଉପକରଣ ବ୍ୟବହାର କରିବା ନେଇ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଯନ୍ତ୍ରୀ ଅଚ୍ୟୁତା ନନ୍ଦ ବଡୁ, ପ୍ରଭାସ ରଞ୍ଜନ ବେହେରା, ସମିତ ସାହୁଙ୍କ ସମେତ ୪୫ରୁ ଊର୍ଦ୍ଧ୍ୱ ଲାଇନ ମ୍ୟାନ ଯୋଗ ଦେଇଥିଲେ।

# ୨ ଘଣ୍ଟା ରାଜପଥ ଅବରୋଧ କରିବ ବିଜେଡି

ଅନୁଗୋଳ ଅଫିସ, ୧୮।୧୦

ଢେଙ୍କାନାଳ ଓ ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଶନିବାର ବିଜେଡି ପକ୍ଷରୁ ୨ ଘଣ୍ଟିଆ ରାସ୍ତାରୋକୋ ଆନ୍ଦୋଳନ ଡାକରା ଦିଆଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି। ରାଜପଥର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଅନେକ ସମୟରେ ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଛି। ଏହାର ମରାମତି ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିଲେ କେହି କର୍ଣ୍ଣପାତ କରୁ ନ ଥିବା ବିଜେଡି ଅଭିଯୋଗ କରିଛି। ଏଥିସହ ରାଜପଥ ଦୋହରୀକରଣ କାର୍ଯ୍ୟ ମଧ୍ୟ ଶିଥିଳ ପଡ଼ିଛି। ଏହା ପ୍ରତିବାଦରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ରାଜପଥ ବନ୍ଦ ପାଇଁ ଏମ୍‌ପି ମହେଶ ସାହୁ ଡାକରା ଦେଇଛନ୍ତି। ଢେଙ୍କାନାଳଠାରୁ ଅନୁଗୋଳ, ତାଳଚେର ଓ ପାଲଲହଡ଼ା ପର୍ଯ୍ୟନ୍ତ ରାଜପଥର ବିଭିନ୍ନ ସ୍ଥାନ ଅବରୋଧ କରାଯିବ। ଅନୁଗୋଳର କାଲଟାକ୍ସ ଛକରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଏହି ଆନ୍ଦୋଳନ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଗୁଡ଼ିକୁ ଛଡ଼ାଯିବ ବୋଲି ସେ କହିଛନ୍ତି। ଏଥିରେ ଦଳୀୟ କର୍ମୀଙ୍କ ସହ ସାମାଜିକ ଅନୁଷ୍ଠାନ, ବଣିକ ସଂଘ, ଶ୍ରମିକ ସଂଘ, ଯୁବ ସଂଘମାନେ ସାମିଲ ହେବେ ବୋଲି ଏମ୍‌ପି ସାହୁ ସୂଚନା ଦେଇଛନ୍ତି।

# ପ୍ରତିଭା ବିକାଶ କରାଏ ‘ସୁରଭି’




ଛେଣ୍ଡିପଦା,୧୮।୧୦(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପୋଡାପଡ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଉଦ୍‌ଘାଟିତ ହୋଇଯାଇଛି। ମାମୁରିଆ କ୍ଲଷ୍ଟର ସିଆରସିସି ବ୍ରଜ ସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଇବା ସୁରଭିର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକର ୧୭ଟି କ୍ଲଷ୍ଟରର ୨୨୩ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଝୋଟି, ନୃତ୍ୟ, ସଙ୍ଗୀତ, ଜଣା ଅଜଣା, ବକ୍ତୃତା, ତର୍କ, ମଧ୍ୟାହ୍ନଭୋଜନ ସଂକ୍ରାନ୍ତୀୟ ଚିତ୍ରଶିଳ୍ପ ଓ ଶିଳ୍ପକଳା ଆଦି ପ୍ରତିଯୋଗିତା ଆରମ୍ଭ କରାଯାଇଛି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସଙ୍ଗୀତ ଓ ଚିତ୍ରାଙ୍କନରେ ଭାଗ ନେଇଥିଲେ। ଏଥିରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭି ଶିଶୁ ମହୋତ୍ସବରେ ଭାଗ ନେବେ। ପରେ ସେଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ମୁଖ୍ୟଅତିଥି କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ଝଲସୁଛି ବଅଁରପାଳ ବଜାର

- ୧୩ ମଣ୍ଡପରେ ପୂଜା
- ୨୧ରେ ଭସାଣି ଉତ୍ସବ

ବଅଁରପାଳ, ୧୮।୧୦(ଡି.ଏନ୍.ଏ)

ମା’ ଲକ୍ଷ୍ମୀଙ୍କ ପୂଜାରେ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ ତୋରଣ, ଆକର୍ଷଣୀୟ ପୂଜା ମଣ୍ଡପରେ ଝଲସୁଛି ବଅଁରପାଳ ବଜାର। ଚଳିତ ବର୍ଷ ୧୩ଟି ମଣ୍ଡପରେ ମା’ଙ୍କ ପୂଜା ଅନୁଷ୍ଠିତ ହେଉଛି। ସେଥିମଧ୍ୟରୁ ତାମଡ଼ା ପୂଜା ମଣ୍ଡପ, ଡେଲି ମାର୍କେଟ ପୂଜା ମଣ୍ଡପ, ଲକ୍ଷ୍ମୀ ନାରାୟଣ ପୂଜା ମଣ୍ଡପ, ଶାନ୍ତି ବଜାର, ସିଦ୍ଧେଶ୍ୱର ପୂଜା ମଣ୍ଡପ, ଦୁର୍ଗା ବଜାର, ସନ୍ତ୍ରୀଛକ ବଡ଼ ବଜାର, ସନ୍ତ୍ରୀ ଛକ ବଡ଼ (ଖ) ବଜାର, ଶୁଭଲକ୍ଷ୍ମୀ ପୂଜା କମିଟି, ଧନ ଲକ୍ଷ୍ମୀ ପୂଜା ମଣ୍ଡପ, ପଞ୍ଚ ଶ୍ରୀକ୍ଷେତ୍ର ପୂଜା ମଣ୍ଡପରେ ମା’ଙ୍କୁ ପୂଜାର୍ଚ୍ଚନା କରାଯାଉଛି। ଡେଲି ମାର୍କେଟ ପୂଜା କମିଟି ପକ୍ଷରୁ ରୂପା ମୁକୁଟ ପିନ୍ଧି ମା’ ସଜେଇ ହୋଇଛନ୍ତି। ପୋଲିସ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅନୁଗୋଳ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ବଅଁରପାଳ ଥାନା ଅଧିକାରୀ ସୁନୀଲ କର ଓ ଥାନା କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ନଜର ରଖିଛନ୍ତି। ଏଥି ପୂଜା କମିଟି ସଦସ୍ୟଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ଆସନ୍ତା ୨୧ରେ ଭସାଣି ଅନୁଷ୍ଠିତ ହେବ ବୋଲି ବଣିକ ମହାସଂଘ ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ଉପଦେଷ୍ଟା ଖଗେଶ୍ୱର ପରିଡ଼ା ପ୍ରକାଶ କରିଛନ୍ତି।

## ଅଣ୍ଟାରେ ଅଟକିଛି ଭଙ୍ଗା ଛୁଞ୍ଚି ଘଟଣା

# ଚିକିତ୍ସା ନ ପାଇ କଟକରୁ ଫେରିଲେ ଶିଶୁ କନ୍ୟା

ଅନୁଗୋଳ ଅଫିସ, ୧୮।୧୦

ଅନୁଗୋଳ ଜିଲା ତାଳଚେର କଣ୍ଠାଳ ପଞ୍ଚାୟତ ବାଲୁଗାଁର ଜଣେ ୫ ବର୍ଷୀୟା ଶିଶୁ କନ୍ୟା ଅଣ୍ଟାରେ ଇଞ୍ଜେକଶନ ଛୁଞ୍ଚି ଧରି ଶୁକ୍ରବାର କଟକ ବଡ଼ ମେଡିକାଲ ଯାଇଥିଲେ ହେଁ ସେଠାରୁ ଚିକିତ୍ସା ନ ପାଇ ଘରକୁ ଫେରିଛନ୍ତି। ଏପରିକି କଟକ ମେଡିକାଲରେ ଏପରି ଚିକିତ୍ସା ଉପଲବ୍ଧ ନ ଥିବା କହି ଜୁନିୟର ଡାକ୍ତରମାନେ ତାଙ୍କୁ ଫେରାଇ ଦେଇଥିବା ଶିଶୁକନ୍ୟାଙ୍କ ବାପା ନିରଞ୍ଜନ ବେହେରା ଅଭିଯୋଗ କରିଛନ୍ତି। ଏ ନେଇ ସେ ଆଇନର ଦ୍ୱାରସ୍ଥ ହେବା ସହ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଫେରାଦ ହେବେ ବୋଲି ନିରଞ୍ଜନ କହିଛନ୍ତି।

ଗତ ଅଗଷ୍ଟ ୮ରେ ଶିଶୁଟିର ଅଣ୍ଟାରେ ଇଞ୍ଜେକଶନ ଛୁଞ୍ଚି ଭାଙ୍ଗି ରହିଥିଲା। ଦୁଇଥର ଘରୋଇ ଚିକିତ୍ସାଳୟରେ ଅସ୍ତ୍ରୋପଚାର ହେବା ପରେ ମଧ୍ୟ ଛୁଞ୍ଚି ବାହାରିପାରି ନ ଥିଲା। ପରେ ଅସ୍ତ୍ରୋପଚାର ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଗତ ୧୧ ତାରିଖରେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିଲା। ଏ ନେଇ ଏସସିବି ମେଡିକାଲ ଅଧୀକ୍ଷକଙ୍କ ନିକଟକୁ ଚିଠି ମଧ୍ୟ କରାଯାଇଥିଲା। ସେଠାରେ ଦୁଇ ଦିନ ରହିବା ପରେ ମଧ୍ୟ ଚିକିତ୍ସା ନ ପାଇ ନିରଞ୍ଜନ ଝିଅକୁ ଧରି ଘରକୁ ଫେରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଏଡିଏମ୍‌ଓ(ମେଡିକାଲ) ଲକ୍ଷ୍ମୀ ନାରାୟଣ ବିଶୋଇ କହିଛନ୍ତି, ଶିଶୁକନ୍ୟା ଫେରିଆସିଥିବା ଖବର ମିଳିଛି। ଶିଶୁଟିର ପରିବାର ଏ ସମ୍ପର୍କରେ କିଛି ଜଣାଇନାହାନ୍ତି। ଜଣାଇବା ପରେ ଆଉ ଥରେ କଟକ ମେଡିକାଲକୁ ଚିଠି କରାଯିବ ବୋଲି ସେ କହିଛନ୍ତି।

## ଫଟୋରେ ଖବର



ବଅଁରପାଳରେ ଲକ୍ଷ୍ମୀ ପୂଜା



ପୂଜାରେ ଜଣେ ବେପାରୀ ପିଲାଙ୍କ ପାଣି ଫୋଟକା ଖେଳଣା ବିକ୍ରି କରୁଛନ୍ତି।



ଦଶହରା ପଡ଼ିଆରେ ପଡ଼ିଥିବା ମିନା ବଜାର ଓ ଦୋଳି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ